# କନ୍ଧମାଳ ଜିଲ୍ଲାରେ କୃଷି କ୍ଷେତ୍ରରେ ଚାଷୀମାନଙ୍କର ମୁଖ୍ୟ ସମସ୍ୟା ଓ ତାହାର ସମାଧାନମୂଳକ ପଦକ୍ଷେପ


ସୁଜିତ କୁମାର ମୁଖି
ନାରାୟଣ ବାର



## କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୭୫୩୦୦୧

# ସୂଚୀପତ୍ର


| କ୍ର. ସଂ. | ବିଷୟ (Topic) | ପୃଷ୍ଠା ସଂଖ୍ୟା |
|---|---|---|
| 1. | **କନ୍ଧମାଳ କୃଷିର SWOT ବିଶ୍ଳେଷଣ** | ... |
| ◆ 1.1 | ସମର୍ଥ (Strengths) | ... |
| ◆ 1.2 | ଦୁର୍ବଳତା (Weaknesses) | ... |
| ◆ 1.3 | ସୁଯୋଗ (Opportunities) | ... |
| ◆ 1.4 | ବିପଦ (Threats) | ... |
| 2. | **କନ୍ଧମାଳ ଜିଲ୍ଲାରେ ଚାଷ ସମ୍ବନ୍ଧୀୟ ମୁଖ୍ୟ ସମସ୍ୟା** | ... |
| ◆ 2.1 | ଶସ୍ୟ ଜାତୀୟ ଫସଲରୁ କମ ଉତ୍ପାଦନ ହେବା | ... |
| ◆ 2.2 | ଡାଲି ଓ ତୈଳବୀଜ ଫସଲରୁ କମ ଉତ୍ପାଦନ ହେବ | ... |
| ◆ 2.3 | ପନିପରିବା ତଥା ଫଳ ଚାଷରୁ ଆଶାନୁରୂପ କମ ଅମଳ ପାଇବା | ... |
| ◆ 2.4 | ଚାଷ କ୍ଷେତ୍ରରେ ଖର୍ଚ୍ଚ ଅଧିକ ହେବା | ... |
| ◆ 2.5 | ମହିଳାମାନଙ୍କ ପାଇଁ ଉପଯୁକ୍ତ ରୋଜଗାର ପନ୍ଥା ନ ମିଳିବା | ... |
| ◆ 2.6 | ଗାଈ, ଛେଳି ଓ କୁକୁଡ଼ା ପାଳନରୁ ସ୍ୱଳ୍ପ ଲାଭ ମିଳିବା | ... |
| ◆ 2.7 | ଅଦା, ହଳଦୀ, ଲଙ୍କା ଆଦି ଫସଲରୁ କମ ଲାଭ ପାଇବା | ... |
| ◆ 2.8 | ଜିଲ୍ଲାରେ ଅନେକ ଚାଷୀ ଛତୁ ଚାଷ ବିଷୟରେ ଅବଗତ ନ ଥିବା | ... |
| ◆ 2.9 | କୃଷି ଉତ୍ପାଦର ଅଭାବି ବିକ୍ରି | ... |
| 3. | **ମୃତ୍ତିକା ସମ୍ବନ୍ଧୀୟ ସମସ୍ୟା ଏବଂ ସମାଧାନ** | ... |
| ◆ 3.1 | ଅମ୍ଳ ମାଟି | ... |
| ◆ 3.2 | ଜମିରେ ଜୈବିକ ଅଙ୍ଗାର ମାତ୍ରା କ୍ରମଶଃ ହ୍ରାସ ପାଇବା | ... |
| ◆ 3.3 | ଜମିରେ ଯବକ୍ଷାରଜାନ ଓ ଫସଫୋରସ ଖାଦ୍ୟ  ସାରର ଅଭାବ | ... |
| ◆ 3.4 | ଉପକାରୀ ଅଣୁଜୀବମାନଙ୍କ ସଂଖ୍ୟା ହ୍ରାସ ପାଇବା | ... |
| ◆ 3.5 | ଜୈବିକ ଓ ପ୍ରାକୃତିକ କୃଷି ପାଇଁ ଆବଶ୍ୟକ ଜୈବିକ ସାର ପ୍ରସ୍ତୁତି ପ୍ରକ୍ରିୟାର ଜ୍ଞାନ ଓ ଦକ୍ଷତା ଅଭାବ | ... |
| ◆ 3.6 | ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିଷୟରେ ସଚେତନତା ଅଭାବ | ... |
| 4. | **କୃଷି ସମସ୍ୟା ସମାଧାନରେ ଚାଷୀ ଭୂମିକା** | ... |

| | | |
|---|---|---|
| ◆ 4.1 | ନୂତନ ପ୍ରଯୁକ୍ତି ଆପଣାଇବା | ... |
| ◆ 4.2 | ସାମୁହିକ କୃଷି କାର୍ଯ୍ୟ | ... |
| ◆ 4.3 | ବଜାରିକରଣ ଓ ମୂଲ୍ୟ ଯୁକ୍ତ ପ୍ରସ୍ତୁତି | ... |
| ◆ 4.4 | ଜ୍ଞାନ ଓ ଦକ୍ଷତା ବିକାଶ | ... |
| ◆ 4.5 | ICT ବ୍ୟବହାର | ... |
| ◆ 4.6 | ସମ୍ପ୍ରଦାୟ ଓ ସାମାଜିକ ଦାୟିତ୍ୱ | ... |
| **5.** | **କୃଷି ବୈଜ୍ଞାନିକ ଓ ଅଧିକାରୀଙ୍କ ଭୂମିକା** | ... |
| ◆ 5.1 | ସମସ୍ୟା ଚିହ୍ନଟ | ... |
| ◆ 5.2 | କୃଷି ବୈଷୟିକ ଜ୍ଞାନ କୌଶଳର ପ୍ରଚାର ଓ ପ୍ରସାର | ... |
| ◆ 5.3 | ଚାଷୀ ଦକ୍ଷତା ବୃଦ୍ଧି | ... |
| ◆ 5.4 | ବଜାର ସହାୟତା | ... |
| **6.** | **ଚାଷୀମାନଙ୍କ ଆୟ ବୃଦ୍ଧି ଏବଂ ସାମାଜିକ-ଆର୍ଥିକ ଉନ୍ନତିରେ କୃଷି ବିଜ୍ଞାନ କେନ୍ଦ୍ର (KVK) କନ୍ଧମାଳର ଭୂମିକା** | ... |
| ◆ 6.1 | ପ୍ରଶିକ୍ଷଣ ଓ କ୍ଷେତ୍ର ପଦର୍ଶନ | ... |
| ◆ 6.2 | ବୈଜ୍ଞାନିକ ଓ କମ ଖର୍ଚ୍ଚର ଚାଷ ପ୍ରଣାଳୀ | ... |
| ◆ 6.3 | ଜୈବିକ ଓ ପ୍ରାକୃତିକ କୃଷି ପ୍ରୋତ୍ସାହନ | ... |

# କନ୍ଧମାଳ ଜିଲ୍ଲାରେ କୃଷି କ୍ଷେତ୍ରରେ ଚାଷୀମାନଙ୍କର ମୁଖ୍ୟ ସମସ୍ୟା ଓ ତାହାର ସମାଧାନମୂଳକ ପଦକ୍ଷେପ

## ଉପକ୍ରମ:

ମଧ୍ୟ ଓଡ଼ିଶାର କନ୍ଧମାଳ  ମୁଖ୍ୟତଃ ଗ୍ରାମୀଣ, ଆଦିବାସୀ ବହୁଳ କୃଷିପ୍ରଧାନ ଜିଲ୍ଲା । କୃଷି ଏହାର ଅର୍ଥନୀତିର ମେରୁଦଣ୍ଡ ଓ ଧାନ, ମକା, ବାଦାମ , ପନିପରିବା, ଅଦା, ହଳଦୀ ଏବଂ ସୋରିଷ ଏହି ଜିଲ୍ଲାର ପ୍ରମୁଖ ଫସଲ। ଏହି ଜିଲ୍ଲାରେ ଆମ୍ବ, କଦଳୀ, ପଣସ , ଲିଚୁ ଏବଂ କାଜୁ ଭଳି ଫଳ ଚାଷ ମଧ୍ୟ ହୋଇଥାଏ । ଏହି ଜିଲ୍ଲାରେ ଜଳସେଚନ ସୁବିଧା ଅତ୍ୟନ୍ତ ସୀମିତ ହୋଇଥିବାରୁ ମୁଖ୍ୟତଃ ଚାଷ କାର୍ଯ୍ୟ ବର୍ଷାଜଳ ଉପରେ ନିର୍ଭରଶୀଳ ।

ଜିଲ୍ଲାର ଚାଷୀମାନେ ବିଭିନ୍ନ ଫସଲରୁ କମ ଉତ୍ପାଦନ, ଚାଷ କାର୍ଯ୍ୟରେ ଅଧିକ ଖର୍ଚ୍ଚ, ଉନ୍ନତ ବିହନର ଅଭାବ ଏବଂ ସୀମିତ ଯାନ୍ତ୍ରିକୀକରଣ ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ମାଟିର ଅମ୍ଳତା, ଖାଦ୍ୟସାର ଅଭାବ, କୀଟ ଏବଂ ରୋଗର ବହୁଳ ପ୍ରାଦୁର୍ଭାବ ଏବଂ ଘାସର ସମସ୍ୟା ଆଦି ଚାଷ କାର୍ଯ୍ୟରେ ବାଧକ ସୃଷ୍ଟି କରିଥାଏ । କୃଷି ଉତ୍ପାଦର ବିକ୍ରି ବାବଦରେ ମଧ୍ୟସ୍ଥିମାନଙ୍କର ଉପସ୍ଥିତି ଯୋଗୁଁ ଚାଷୀମାନେ କମ ଲାଭ ପାଇଥାନ୍ତି  ।ଏହି ପରିପ୍ରେକ୍ଷୀରେ, ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନର ବାଟ ଏକ ପୁସ୍ତିକାରେ ଉପସ୍ଥାପନା କରିବା ଏକ ଜରୁରୀ ଆବଶ୍ୟକତା ରହିଛି। "କନ୍ଧମାଳ ଜିଲ୍ଲାର ଚାଷୀମାନେ ସମ୍ମୁଖୀନ ହେଉଥିବା କୃଷି ସମସ୍ୟା ଏବଂ ତାହାର ସମାଧାନ ରଣନୀତି" ଶୀର୍ଷକ ପୁସ୍ତିକା ଏହି ଦିଗରେ ଏକ ମୂଲ୍ୟବାନ ସମ୍ବଳ ଭାବରେ ନିଶ୍ଚିତ କାର୍ଯ୍ୟ କରିବ । ଏହା କୃଷି ସମ୍ପ୍ରସାରଣ କର୍ମୀମାନଙ୍କୁ ଆବଶ୍ୟକତା-ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ରୁପାଙ୍କନ କରିବା, କ୍ଷେତ୍ର ପ୍ରଦର୍ଶନ କରିବା ଏବଂ କୃଷି ଭିତିକ ଉନ୍ନତ ଜ୍ଞାନ କୌଶଳକୁ ପ୍ରଭାବଶାଳୀ ଭାବରେ ପ୍ରସାରିତ କରିବାରେ ନିଶ୍ଚିନ୍ତ ରୂପେ ସାହାଯ୍ୟ କରିବ।

ମୃତ୍ତିକା ସ୍ୱାସ୍ଥ୍ୟ, ଫସଲ ଉତ୍ପାଦନ, ବିବିଧତା ଏବଂ ବଜାର ସଂଯୋଗ ସମସ୍ୟାଗୁଡ଼ିକୁ ସମାଧାନ କରିବା ସହିତ , ଏହି ପୁସ୍ତିକା କୃଷକମାନଙ୍କର ସାମାଜିକ-ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକ ମାର୍ଗଦର୍ଶିକା ଭାବରେ କାର୍ଯ୍ୟ କରିବ । ତେଣୁ, ଏହି ପୁସ୍ତିକା କନ୍ଧମାଳ ଜିଲ୍ଲାର ଚାଷୀ ସମ୍ପ୍ରଦାୟର ସାମାଜିକ -ଆର୍ଥିକ ଉନ୍ନତି ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## କନ୍ଧମାଳ କୃଷିର SWOT ବିଶ୍ଲେଷଣ

### ୧. ସମର୍ଥ (Strengths)

- **ଚାଷ ପାଇଁ ଅନୁକୂଳ ଜଳବାୟୁ**
    - ଏହି ଜିଲ୍ଲା ଓଡ଼ିଶାର ଉତ୍ତର ପୂର୍ବ ଘାଟ କୃଷି-ଜଳବାୟୁ ଜୋନରେ ଅବସ୍ଥିତ
    - ଏଠାରେ ଉଷ୍ମ ଗରମ ଏବଂ ଆର୍ଦ୍ର ଉପ-ଆର୍ଦ୍ର ଜଳବାୟ ପ୍ରବାହିତ ହୋଇଥାଏ
    - ପ୍ରାୟତଃ ବର୍ଷସାରା କମ ତାପମାତ୍ରା ଅନୁଭୂତ ହୋଇଥାଏ
    - ଅଦିନିଆ ପନିପରିବା ଚାଷ ପାଇଁ ଏହି ଜିଲ୍ଲାର ଜଳବାୟୁ ବେଶ ଉପଯୁକ୍ତ
    - ଜୈବିକ ହଳଦୀ, ଅଦା, ଗୋଲମରିଚ, ଲଙ୍କା ଆଦି ମସଲା ଜାତୀୟ ଚାଷ ତଥା ଔଷଧୀୟ ବୃକ୍ଷ  ଚାଷ ପାଇଁ ଏହି ଜିଲ୍ଲାର ଜଳବାୟୁ ବେଶ ଅନୁକୂଳ ହୋଇଥାଏ
- **ଚାଷୀମାନେ କଠିନ ପରିଶ୍ରମୀ**
    - ଜିଲ୍ଲାର ପ୍ରାୟ ଦୁଇତୃତୀୟାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ
    - କଠିନ ପରିଶ୍ରମୀ ଆଦିବାସୀ ଚାଷୀମାନେ କୃଷି କାର୍ଯ୍ୟରେ ଅଧିକ ସମୟ ଦେଇଥାନ୍ତି
- **ଶତକଡା ୭୧ ଭାଗ ଜମି ଘଞ୍ଚ ବଣଜଙ୍ଗଲରେ ପରିପୂର୍ଣ**
    - ପର୍ଣ୍ଣମୋଚୀ ଘନ ଏବଂ ଖୋଲା ଜଙ୍ଗଲ ପାଇଁ  ମାଟିରେ ଜୈବିକ ପଦାର୍ଥର ମାତ୍ରା ବୃଦ୍ଧିପାଇଥାଏ
    - ଏହି ଜଙ୍ଗଲ ଅଣ-କାଠ ବନଜାତ ଦ୍ରବ୍ୟ (NTFP) ର ସମୃଦ୍ଧ ଉତ୍ସ ଅଟେ
- **ଆଦିବାସୀ ଚାଷୀମାନେ ଜୈବିକ ପଦ୍ଧତିରେ ଚାଷ କରିଥାନ୍ତି**
    - ନିଜର ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରି ବିଭିନ୍ନ ଚାଷ କରିଥାନ୍ତି, ଫଳରେ ଚାଷ ବାବଦ ଖର୍ଚ୍ଚ କମିଥାଏ ଓ ସୁସ୍ଥ ପରିବେଶ ବଜାୟ ରହିଥାଏ

### ୨. ଦୁର୍ବଳତା (Weaknesses)

- ଜିଲ୍ଲାରେ ବିଭିନ୍ନ ଫସଲର ଉତ୍ପାଦନ ଓ ଉତ୍ପାଦକତା କମୁଅଛି
- ସାଧାରଣତଃ ଚାଷୀମାନେ ଆଧୁନିକ କୃଷିର ଜ୍ଞାନ କୌଶଳର କମ ବ୍ୟବହାର କରିଥାନ୍ତି
- ମୁଖ୍ୟତଃ ନିଜର ପାରମ୍ପରିକ ବିହନ ଉପରେ ନିର୍ଭରଶୀଳ

- ଚାଷୀମାନଙ୍କର କୃଷି ପଦାର୍ଥର ମୂଲ୍ୟ ଯୁକ୍ତ ଦ୍ରବ୍ୟ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ସମ୍ପର୍କରେ ସ୍ୱଳ୍ପ ଜ୍ଞାନ ଥାଏ
- ଫସଲ ଅମଳ ପରବର୍ତ୍ତୀ କ୍ଷତି ଅଧିକ ପରିମାଣରେ ହୋଇଥାଏ
- ଜିଲ୍ଲାରେ ଆଦୌ ଶୀତଳ ଭଣ୍ଡାରର ନ ଥିବାରୁ ଚାଷୀମାରେ ବହୁଳ ପରିମାଣରେ କ୍ଷତି ସହିଥାନ୍ତି
- ସୀମିତ ଜଳସେଚନ ସୁବିଧା ହେତୁ ଚାଷ ପାଇଁ ବର୍ଷା ଉପରେ ଅତିପରିମାଣରେ ନିର୍ଭରଶୀଳ ହୋଇଥାନ୍ତି
- ଚାଷୀ ମାନଙ୍କର କୃଷି ଅନୁଷ୍ଠାନ ସହିତ ଯୋଗାଯୋଗର ଅଭାବ
- ଜିଲ୍ଲାରେ କୃଷକ ଉତ୍ପାଦକ ଗୋଷ୍ଠୀ  (FPO) ସଂଖ୍ୟା ବହୁତ କମ
- ପନିପରିବା ଏବଂ ଉଦ୍ୟାନ ଉତ୍ପାଦକ ସଠିକ ସମୟରେ ବିକ୍ରି ନ ହେବାରୁ ଅଧିକ ପରିମାଣରେ ନଷ୍ଟ ହୋଇଥାଏ
- ଉନ୍ନତ ବିହନ କିସମ , ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ତଥା ଅଣୁ ଓ ଜୀବାଣୁ ସାର ବ୍ୟବହାର ସମ୍ପର୍କରେ ସଚେତନତା ଅଭାବ ରହିଅଛି

## ୩.ସୁଯୋଗ (Opportunities)

- ଜିଲ୍ଲାରେ ଚାଷ ହେଉଥିବା ବିଭିନ୍ନ ଫସଲରେ ଜୈବିକ ଓ ପ୍ରାକୃତିକ ଚାଷ ପଦ୍ଧତିକୁ ସହଜରେ ଚାଷୀଙ୍କ ଦ୍ୱାରା ଗ୍ରହଣ କରାଯାଇପାରିବ
- କୃଷି ଉତ୍ପାଦର ଜୈବିକ ପ୍ରମାଣପତ୍ର ଏବଂ ବ୍ରାଣ୍ଡିଂ କରିବା ଦ୍ୱାରା ବଜାରରେ ମୂଲ୍ୟ ବୃଦ୍ଧି ହେବାର ସୁଯୋଗ ରହିଛି
- ଜିଲ୍ଲାରେ ମସଲା, ପନିପରିବା ଏବଂ ଫଳ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ ସୁଯୋଗ ରହିଛି
- ଗ୍ରାମୀଣ ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟୋଗ ପାଇଁ ସମ୍ଭାବନା ଅଛି
- ଅଦିନିଆ ପନିପରିବା ଚାଷ ପାଇଁ ପରିବେଶ ଅନୁକୂଳ ଅଟେ
- ଅନୁକୂଳ ଜଳବାୟୁ ଯୋଗୁ ବର୍ଷସାରା ପନିପରିବା ଉତ୍ପାଦନ ହୋଇଥାଏ ଓ ନିକଟସ୍ଥ ସହରାଞ୍ଚଳ ବଜାରରେ ଏହାର ଉଚ୍ଚ ଚାହିଦା ଥାଏ
- ଔଷଧୀୟ ଏବଂ ସୁଗନ୍ଧିତ ଉଦ୍ଭିଦ ଚାଷ ହେବାପାଇଁ ମାଟି ଓ ଜଳବାୟୁ ଅନୁକୂଳ ଅଟେ
- ସଂସ୍ଥାଗତ ଏବଂ ସରକାରୀ ଯୋଜନା ସହାୟତା ସୁବିଧା ରହିଛି

- କୃଷକ ଉତ୍ପାଦକ ସଂଗଠନ (FPOs)କୁ ସୁଦୃଢ଼ କରିବାର ସୁଯୋଗ

## ୪. ବିପଦ (Threats)

- ଜଳବାୟୁ ପରିବର୍ତ୍ତନଶୀଳତା ଏବଂ ମରୁଡ଼ି ସମସ୍ୟା କୃଷି କାର୍ଯ୍ୟରେ ବାଧକ ସୃଷ୍ଟି କରୁଛି
- ମାଟିର ଗୁଣବତା ହ୍ରାସ ଓ ମାଟିରେ ଥିବା ପ୍ରାୟ ପୋଷାକ ତତ୍ୱର ଅଭାବ ପରିଲକ୍ଷିତ ହେଉଛି
- ବଜାର ଏବଂ କୃଷି ଦ୍ରବ୍ୟର ମୂଲ୍ୟର ଅସ୍ଥିରତା ଦେଖାଦେଉଛି
- ନିଯୁକ୍ତିର ଅଭାବରୁ ଯୁବପିଢ଼ିମାନେ ଜିଲ୍ଲା ତଥା ରାଜ୍ୟକୁ ରୋଜଗାର ପାଇଁ ଯାଉଛନ୍ତି
- ଦିନକୁ ଦିନ ଜଙ୍ଗଲ ନଷ୍ଟ ଏବଂ ଜୈବ ବିବିଧତାର କ୍ଷୟ ହେଉଛି
- ନୂଆ ନୂଆ ରୋଗ ଓ ପୋକର ବିଶେଷ ପ୍ରାଦୁର୍ଭାବ ପରିଲକ୍ଷିତ ହେଉଛି
- ବର୍ଷା ଉପରେ ଅତ୍ୟଧିକ ନିର୍ଭରଶୀଳତା ଯୋଗୁଁ ଚାଷୀମାନେ ବହୁତ କ୍ଷତି ସହୁଛନ୍ତି
- ମସଲା ଏବଂ ପନିପରିବା ବିକ୍ରୟ ପାଇଁ ମଧ୍ୟସ୍ଥିଙ୍କ ଉପରେ ଚାଷୀମାନେ ସଂପୂର୍ଣ ଭାବେ ନିର୍ଭରଶୀଳ

**କନ୍ଧମାଳ ଜିଲ୍ଲାରେ ଚାଷ ସମ୍ବଧୀୟ ମୁଖ୍ୟ ସମସ୍ୟା**

| ସମସ୍ୟା | କାରଣ | ସମାଧାନ ଉପାୟ |
|---|---|---|
| ଧାନ, ମକା, ମାଣ୍ଡିଆ ଆଦି ଫସଲରୁ ଆଶାନୁରୂପ କମ ଅମଳ ମିଳିବା | ୧. ମାଟିରେ ଅସନ୍ତୁଳିତ ପରିମାଣରେ ଖାଦ୍ୟସାର ପ୍ରୟୋଗ<br>୨. ଘାସ, ରୋଗ ତଥା ପୋକର ବହୁଳ ପ୍ରାଦୁଭାବ<br>୩. ଧାନ ଚାଷରେ କୃଷି ଯନ୍ତ୍ରପାତି ବ୍ୟବହାର ଉପରେ | ✓ ମାଟି ପରୀକ୍ଷା ଫଳାଫଳ ଅନୁଯାୟୀ ଜମିରେ ଖାଦ୍ୟସାର ପ୍ରୟୋଗ କରନ୍ତୁ<br>✓ ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ<br>✓ ମରୁଡି ସହଣଶକ୍ତି ବିହନର ବ୍ୟବହାର କରନ୍ତୁ<br>✓ ସମନ୍ୱୟ ଘାସ ପରିଚାଳନା କରନ୍ତୁ (କୃଷି ବୈଜ୍ଞାନିକଙ୍କ ପରାମର୍ଶ ଅନୁସାରେ ଆବଶ୍ୟକ ଘାସ ଦମନ ଔଷଧକୁ ସଠିକ ମାତ୍ରାରେ ପ୍ରୟୋଗ କରନ୍ତୁ )<br>✓ ସମନ୍ୱୟ ରୋଗ ଓ ପୋକ ପରିଚାଳନା କରନ୍ତୁ (କୃଷି ବୈଜ୍ଞାନିକଙ୍କ ପରାମର୍ଶ |

| ସମସ୍ୟା | କାରଣ | ସମାଧାନ ଉପାୟ |
|---|---|---|
| | ସଚେତନତାର ଅଭାବ | ଅନୁସାରେ ଆବଶ୍ୟକ ଔଷଧ ସଠିକ ମାତ୍ରରେ ପ୍ରୟୋଗ କରନ୍ତୁ )<br>✓ ସରକାରଙ୍କ ତରଫରୁ ପ୍ରତ୍ୟେକ ବ୍ଲକ / ପଞ୍ଚାୟତ ସ୍ତରରେ ଧାନ, ମକା, ମାଣ୍ଡିଆ ଆଦି ଚାଷରେ ବ୍ୟବହାର ହେଉଥିବା କୃଷି ଯନ୍ତ୍ରପାତିର କ୍ଷେତ୍ର ପ୍ରଦର୍ଶନ କରାଗଲେ ଚାଷ ବାବଦ ଖର୍ଚ୍ଚ କମ ହୋଇଥାଏ |
| ଡାଲି ଓ ତୈଳବୀଜ ଫସଲରୁ ଅମଳ କମ ମିଳିବା | କ) କମ ଅମଳକ୍ଷମ ତଥା ନିଜସ୍ୱ ବିହନର ବ୍ୟବହାର<br>ଖ) ମାଟିର ଅମ୍ଳତ୍ୱ<br>ଗ) ଅସନ୍ତୁଳିତ ଖାଦ୍ୟସାର, ରୋଗ ପୋକ ନିୟନ୍ତ୍ରଣ ଓ ଘାସ ଦମନ ପରିଚାଳନା | ✓ ଅଧିକ ଅମଳକ୍ଷମ ବିହନ ବ୍ୟବହାର ପାଇଁ ବ୍ଲକ କୃଷି ଅନୁଷ୍ଠାନ, ଲ୍ୟାମ୍ପ , କୃଷି ବିଜ୍ଞାନ କେନ୍ଦ୍ର ଆଦି ଅନୁଷ୍ଠାନ ସହିତ ଆଗୁଆ ଯୋଗାଯୋଗ ରଖନ୍ତୁ<br>✓ ଅମ୍ଳ ମାଟିର ପରିଚାଳନା ପାଇଁ ମୃତ୍ତିକା ପରୀକ୍ଷା ମୁତାବକ ଚୂନ ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ<br>✓ ଡାଲି ଓ ତୈଳବୀଜ ବିହନକୁ ଜୀବାଣୁ ସାର (ରାଇଜବିୟମ) ଦ୍ୱାରା ବିଶୋଧନ କରିବା ଉଚିତ<br>✓ ଡାଲି ଓ ତୈଳବୀଜ ଫସଲ ସହିତ ଅନ୍ତଚାଷ ହିସାବରେ ସିରିଏଲ ଓ ପନିପରିବା ଫସଲ ନେଲେ ମାଟିର ଉର୍ବରତା ବଢିବା ସହିତ ଅଧିକ ଅମଳ ମିଳିଥାଏ<br>✓ ସମନ୍ୱିତ ଖାଦ୍ୟ, ରୋଗ ପୋକ ନିୟନ୍ତ୍ରଣ ଓ ଘାସ ଦମନ ପଦ୍ଧତିକୁ ଆପଣେଇବା ଉଚିତ |

| ସମସ୍ୟା | କାରଣ | ସମାଧାନ ଉପାୟ |
| --- | --- | --- |
| ପନିପରିବା ଓ ଫଳ ଚାଷରୁ କମ ଉତ୍ପାଦନ | କ) ମାଟିର ଅମ୍ଳତ୍ୱ<br>ଖ) ମାଟିରେ ପୋଷକତତ୍ୱ ଯଥା: ଯବକ୍ଷାରଯାନ, ଫସଫରସ, ଗନ୍ଧକ, ବୋରନ ଓ ଜିଙ୍କ ଅଭାବ ଫଳରେ ଅମଳ କମ ହୋଇଥାଏ<br>ଗ) ଘାସର ବହୁଳ ପ୍ରାଦୁର୍ଭାବ<br>ଘ) ଫସଲରେ ରୋଗ ଓ ପୋକର ପାର୍ଦୁଭାବ ପାଇଁ ଅମଳ ମଧ୍ୟ କମ ହୋଇଥାଏ | ✓ ଅଧିକ ଅମଳକ୍ଷମ ତଥା ଶଙ୍କର ଜାତୀୟ କିସମର ବ୍ୟବହାର କଲେ ଅଧିକ ଅମଳ ମିଳିଥାଏ<br>✓ ଜରି ଗୃହ ଓ ଛାୟା ଗୃହରେ ଚାରା ପକାଇବାପାଇଁ ଚାଷୀକୁ ପରାମର୍ଶ କରିବା ଉଚିତ ଫଳରେ ଚାରା ଗୁଡିକ ହୃଷ୍ଟପୃଷ୍ଟ ହୋଇଥାଏ<br>✓ ନିୟମିତ ବ୍ୟବଧାନରେ ଘାସ ପରିଚାଳନା କରିବା ଉଚିତ<br>✓ ସମନ୍ୱୟ ଖାଦ୍ୟସାର ପରିଚାଳନା ଓ ଜୈବିକ ସାର ହିସାବରେ ଖତ ଓ ଜିଆ ଖତ ତଥା ଜୀବାଣୁ ସାରର ବହୁଳ ବ୍ୟବହାର କଲେ ଅଧିକ ଅମଳ ମିଳିବା ସହିତ ମାଟିର ଉର୍ବରତା ବୃଦ୍ଧି ପାଇଥାଏ<br>✓ ଫସଲରେ ଜଳ ପରିଚାଳନା ପାଇଁ ଆବଶ୍ୟକ ସ୍ଥଳେ ବୁନ୍ଦା ଜଳ ସେଚନ ତଥା ସ୍ପ୍ରିଙ୍କଲର ବ୍ୟବହାର କଲେ ଅଧିକ ଅମଳ ମିଳିଥାଏ<br>✓ ରୋଗ ପୋକର ସଠିକ ନିୟନ୍ତ୍ରଣ ପାଇଁ କୃଷି ବୈଜ୍ଞାନିକ ତଥା କୃଷି ଅଧିକାରୀଙ୍କ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷପ ନେଲେ ରୋଗ ଓ ପୋକ ନିୟନ୍ତ୍ରଣ ହେବା ସହ ଅମଳ ମଧ୍ୟ ବୃଦ୍ଧିପାଏ |
| ଚାଷ କ୍ଷେତ୍ରରେ | କ) କୃଷି ଯନ୍ତ୍ରପାତିର କମ ବ୍ୟବହାର | ✓ ଗ୍ରାମାଞ୍ଚଳ ତଥା ପଂଚାୟତ ସ୍ତରରେ ସରକାରଙ୍କ ତରଫରୁ କଷ୍ଟମ ହାୟାରିଂ |

| ସମସ୍ୟା | କାରଣ | ସମାଧାନ ଉପାୟ |
|---|---|---|
| ଖର୍ଚ୍ଚର ପରିମାଣ ଅଧିକ ହେବା ଫଳରେ ଲାଭ କମ ମିଳିଥାଏ | ଖ) ରାସାୟନିକ ସାର ଓ କୀଟନାଶକର ବ୍ୟବହାର ଯୋଗୁଁ ଚାଷରେ ଖର୍ଚ୍ଚ ଅଧିକ ହୋଇଥାଏ | କେନ୍ଦ୍ର ପ୍ରତିଷ୍ଠାନ କରାଗଲେ ଚାଷୀମାନେ ସେସବୁ କୃଷି ଉପକରଣ ଓ ଛୋଟ ଛୋଟ କୃଷି ଯନ୍ତ୍ରପାତିର ବ୍ୟବହାର ସ୍ୱଳ୍ପ ଖର୍ଚ୍ଚରେ କରିପାରିବେ<br>✓ ଖ) ଗ୍ରାମାଞ୍ଚଳରେ ଗୋଷ୍ଠୀ ଭିତିକ ଚାଷ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେବା ଉଚିତ ଫଳରେ କୃଷି ସମ୍ବନ୍ଧିୟ ଉପକରଣ ବାବଦ ଖର୍ଚ୍ଚ କମ ହୋଇଥାଏ |
| କୃଷି ମହିଳାମାନଙ୍କ ପାଇଁ ରୋଜଗାର ପନ୍ଥା ଅଭାବ ହେତୁ ପରିବାରର ଆୟ କମ ହୋଇଥାଏ | କ) ମହିଳାମାନଙ୍କର କୃଷି ଭିତ୍ତିକ ରୋଜଗାର ପନ୍ଥା ବିଷୟରେ ସଚେତନତା ଅଭାବ<br>ଖ) ଆର୍ଥିକ ସମସ୍ୟା ଯୋଗୁଁ ମହିଳା ଚାଷୀମାନେ ରୋଜଗାର ପନ୍ଥାରେ ପ୍ରଥମେ ଅର୍ଥ ନିବେଶ କରିବାକୁ ଅସମର୍ଥ ହେଉଛନ୍ତି | ✓ ପଂଚାୟତ ସ୍ତରରେ ସ୍ୱଂୟ ସହାୟକ ଗୋଷ୍ଠୀର ନିୟମିତ ରୋଜଗାର ପନ୍ଥା ଭିତିକ ତାଲିମ ଯଥା: ଛତୁଚାଷ, କୁକୁଡ଼ା ପାଳନ, ଛେଳି ଚାଷ, ପାକଶାଳ ବଗିଚା, ଜିଆ ଖତ ଉତ୍ପାଦନ ଆଦି କାର୍ଯ୍ୟକ୍ରମ କରିବା ଉଚିତ<br>✓ ଟମାଟ, ତେନ୍ତୁଳି, ଅଦା, ହଳଦୀ, ଡାଲି, ମାଣ୍ଡିଆ ଆଦିରୁ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି କରିବାର ତାଲିମ ନେଇ ବ୍ଲକ ସ୍ତରରେ ଏକ ସ୍ୱତନ୍ତ୍ର ଦୋକାନରେ ବିକ୍ରି ପାଇଁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଗଲେ ମହିଳା ଚାଷୀମାନେ ଆତ୍ମନିର୍ଭରଶୀଳ ହୋଇପାରିବେ<br>✓ ମହିଳାମାନଙ୍କୁ ମିଶନ ଶକ୍ତି ଓ OLM ଯୋଜନାରେ ସାମିଲ କରାଗଲେ ସେମାନଙ୍କର ବିକ୍ରିବଟା ସୁବିଧା ହେବା ସହିତ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇପାରିବ |

| ସମସ୍ୟା | କାରଣ | ସମାଧାନ ଉପାୟ |
|---|---|---|
| | | ✓ ପୋଷକ ଭିତିକ ରୋଜଗାର ପନ୍ଥା ଯଥା ମାଣ୍ଡିଆରୁ ପ୍ରସ୍ତୁତି ବିଭିନ୍ନ ପଦାର୍ଥ, ପଣସରୁ ମୂଲ୍ୟଯୁକ୍ତ ବିଭିନ୍ନ ପଦାର୍ଥ, ପତ୍ର ପ୍ଲେଟ, ଆଚାର ଓ ମସଲା ପ୍ରସ୍ତୁତି ପାଇଁ ତାଲିମ ପ୍ରଦାନ ଓ ସରକାରଙ୍କ ତରଫରୁ ଆର୍ଥିକ ଅନୁଦାନ ମିଳିଲେ ସେମାନେ ଏହାକୁ ଏକ ସ୍ଥାୟୀ ରୋଜଗାର ପନ୍ଥାରେ ପରିଣତ କରିପାରିବେ |
| ଗାଈ , ଛେଳି, କୁକୁଡ଼ା ପାଳନରୁ ସ୍ୱଳ୍ପ ଲାଭ ପାଇବା | କ) ନିଜସ୍ୱ ପ୍ରଜାତିର ଗାଈ, ଛେଳି ଓ କୁକୁଡ଼ା ପାଳନ କରୁଛନ୍ତି<br>ଖ) ଘାସ ଚାଷ ଉପରେ ବୈଷୟିକ ଜ୍ଞାନର ଅଭାବ<br>ଗ) ବୈଜ୍ଞାନିକ ପଦ୍ଧତିରେ ଉନ୍ନତମାନର ପଶୁ ଖାଦ୍ୟ ନିଜସ୍ତରରେ ପ୍ରସ୍ତୁତି ପାଇଁ ଜ୍ଞାନର ଅଭାବ | ✓ ଉନ୍ନତ ପ୍ରଜାତିର ଗାଈ, ଛେଳି (ଗଂଜାମ ଛେଳି ) ତଥା କୁକୁଡ଼ା ପାଳନ ପାଇଁ ତାଲିମ ଓ ଆର୍ଥିକ ସହାୟତା ମିଳିପାରିଲେ ଚାଷୀମାନେ ଅଧିକ ଲାଭ ପାଇପାରିବେ<br>✓ ଗୃହପାଳିତ ପଶୁମାନଙ୍କ ଖାଦ୍ୟ ପାଇଁ ଆଜୋଲା ବ୍ୟବହାର ପାଇଁ ଆଜୋଲା ବ୍ୟବହାର କଲେ ଅଧିକ ଲାଭ ମିଳିଥାଏ<br>✓ ନିୟମିତ ଭାବରେ ସମନ୍ୱିତ ଖାଦ୍ୟ ବ୍ୟବହାର ଓ ଗୃହପାଳିତ ପଶୁମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଚେତନତା କାର୍ଯ୍ୟକର୍ମ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ<br>✓ ଚାଷୀମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା ସହିତ ସଂଯୋଗୀକରଣ କଲେ ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ |

| ସମସ୍ୟା | କାରଣ | ସମାଧାନ ଉପାୟ |
|---|---|---|
| ଅଦା, ହଳଦୀ , ଲଙ୍କା ଆଦି ମସଲା ଜାତୀୟ ଫସଲରୁ ଅପେକ୍ଷାକୃତ କମ ଲାଭ ମିଳିବା | କ) ଅସନ୍ତୁଳିତ ଖାଦ୍ୟସାର ପରିଚାଳନା<br>ଖ) ସ୍ୱଳ୍ପ ପରିମାଣର ଜୈବିକ ଖତ ଓ ସାର ପ୍ରୟୋଗ<br>ଗ) ଅତ୍ୟଧିକ ରୋଗ ଓ ପୋକର ସମସ୍ୟା<br>ଘ) ମୂଲ୍ୟ ଯୁକ୍ତ ପଦାର୍ଥ ପ୍ରସ୍ତୁତି କରିବାରେ ଜ୍ଞାନର ଅଭାବ | ✓ ଶାଳ ପତ୍ର ଆଚ୍ଛାଦନ ସହିତ ଜିଆ ଖତ ଓ ଜୀବଣୁସାର ବ୍ୟବହାର କଲେ ଅଧିକ ଅମଳ ମିଳିବା ସହିତ ମାଟିର ଉର୍ବରତା ବୃଦ୍ଧିପାଏ<br>✓ ରୋଗପୋକ ଦମନ ପାଇଁ ରୋଗ ପୋକ ବୈଜ୍ଞାନିକ ଓ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରି ପଦକ୍ଷପ ନେଲେ ଅଧିକ ଅମଳ ମିଳିଥାଏ<br>✓ ମସଲା ଉତ୍ପାଦାରୁ ମୂଲ୍ୟ ଯୁକ୍ତ ଦ୍ରବ୍ୟ ପ୍ରସ୍ତୁତ କରି ବିକ୍ରି କଲେ ଅଧିକ ଲାଭ ମିଳିଥାଏ<br>✓ ମସଲା ଦ୍ରବ୍ୟ ପ୍ରସ୍ତୁତି ପାଇଁ ଆବଶ୍ୟକ ଯନ୍ତ୍ରପାତି ପାଇଁ ସରକାରଙ୍କ ତରଫରୁ ଦିଆଯାଉଥିବା ରିହାତିର ଲାଭ ନିଅନ୍ତୁ |

## କନ୍ଧମାଳ ଜିଲ୍ଲାରେ ମୃତ୍ତିକା ସମ୍ବନ୍ଧୀୟ ସମସ୍ୟା ଏବଂ ସମାଧାନ

| ସମସ୍ୟା | ସମାଧାନ ଉପାୟ |
|---|---|
| **ଅମ୍ଳ ମାଟି:** ଜିଲ୍ଲାର ପ୍ରାୟ ଶତକଡା ୭୨ ଭାଗ ମାଟି ଅମ୍ଳ ମାଟି ଅଟେ, ଯାହା ଫସଲର ପୋଷକ ତତ୍ତ୍ୱ ଉପଲବ୍ଧତାକୁ | ✓ ମାଟି ପରୀକ୍ଷା ଅନୁଯାୟୀ ଆବଶ୍ୟକ ମୁତାବକ କୃଷି ଚୂନ/ଡୋଲୋମାଇଟ୍ ବ୍ୟବହାର କଲେ ଫସଲର ଅମଳ ବୃଦ୍ଧିପାଇଥାଏ |

| ସମସ୍ୟା | ସମାଧାନ ଉପାୟ |
|---|---|
| କମାଇଥାଏ, ଫଳରେ ଫସଲର ଉତ୍ପାଦନକ କମିଯାଏ | ✓ ଚୂନ ବ୍ୟବହାର କୌଶଳ ଓ ଚୁନର ମାତ୍ରା ଉପରେ ଚାଷୀମାନଙ୍କୁ ତାଲିମ ଦେବା ସହ ସଚେତନତା କରାଇବା ଉଚିତ । |
| **ଜମିରେ ଜୈବିକ ଅଙ୍ଗାର ମାତ୍ରା କ୍ରମଶଃ ହ୍ରାସ ପାଉଛି**: ସାଧାରଣତଃ ମାଟି ପରୀକ୍ଷାରୁ ଜଣାପଡିଛି ଯେ କନ୍ଧମାଳ ଜିଲ୍ଲାରେ ଜୈବିକ ଅଙ୍ଗାର ମାତ୍ରା ସ୍ୱଳ୍ପରୁ ମଧ୍ୟମ ଶ୍ରେଣୀରେ ଅଛି । ଜୈବିକ ଅଙ୍ଗାର ମାତ୍ରା କମ ରହିଲେ ମାଟିର ଉର୍ବରତା ତଥା ଜଳଧାରଣ କ୍ଷମତା କମ ହୋଇଥାଏ | ✓ କୃଷିକ୍ଷେତ୍ର ଖତ (FYM), କମ୍ପୋଷ୍ଟ, ଜିଆ ଖତ, ଫସଲ ଅବଶିଷ୍ଟାଂଶ ଏବଂ ସବୁଜ ସାର ପ୍ରଚୁର ପରିମାଣରେ ପ୍ରୟୋଗ କଲେ ମାଟିର ଜୈବିକ ଅଙ୍ଗାର ମାତ୍ରା ବୃଦ୍ଧିପାଇଥାଏ<br>✓ ସରକାରଙ୍କ ତରଫରୁ ଗ୍ରାମାଞ୍ଚଳ / ପଞ୍ଚାୟତ ସ୍ତରରେ ଜିଆ ଖତ ଉତ୍ପାଦନ ୟୁନିଟ ଓ ଉନ୍ନତ ମାନର ଖତ ପ୍ରସ୍ତୁତି ୟୁନିଟ ସ୍ଥାପନ କରାଗଲେ ଚାଷୀମାନେ ଜୈବିକ ଖତ ପ୍ରସ୍ତୁତି ବିଷୟରେ ସବିଶେଷ ଜ୍ଞାନ ପାଇପାରିବେ ।<br>✓ କୃଷି ବିଜ୍ଞାନ କେନ୍ଦ୍ର , ଜି . ଉଦୟଗିରି ପରିସରରେ ଜିଆ ଖତ ଉତ୍ପାଦନର ଭିନ୍ନ ଭିନ୍ନ ପଦ୍ଧତିରେ କରାଯାଉଅଛି । କେନ୍ଦ୍ରକୁ ଭ୍ରମଣ କରି ଜୈବିକ ଖତ ଉତ୍ପାଦନ ବିଷୟରେ ସବିଶେଷ ଜ୍ଞାନ ଆହରଣ କରିପାରିବେ । |
| କନ୍ଧମାଳ ଜିଲ୍ଲାର ପ୍ରାୟତଃ ଜମିରେ ଯବକ୍ଷାରଜାନ ଏବଂ ଫସଫରସ୍ ଖାଦ୍ୟ ସାରର ଅଭାବ ରହିଛି, ଫଳରେ ଫସଲର ବୃଦ୍ଧି ସଠିକ ନ ହେବାରୁ ଫସଲର ଅମଳ କମିଯାଉଛି । | ✓ ଜମିରେ ସମନ୍ୱିତ ଖାଦ୍ୟସାର ପରିଚାଳନା (INM) ଯଥା ଜୈବିକ ଏବଂ ରାସାୟନିକ ସାରକୁ ମିଶ୍ରଣ କରି ପ୍ରୟୋଗ କଲେ ମାଟିର ଉର୍ବରତା ବୃଦ୍ଧି ହେବା ସହ ଫସଲର ଅମଳ ମଧ୍ୟ ବଢିଥାଏ ।<br>✓ ମାଟିରେ ଫସଫରସ୍ ଖାଦ୍ୟସାର ଅଭାବ ଥିଲେ ମାଟିରେ ରକଫସଫେଟ୍ / ସୁପର ସାରକୁ କମ୍ପୋଷ୍ଟ/ ଜିଆ ଖତ ସହିତ ଭଲଭାବରେ |

| ସମସ୍ୟା | ସମାଧାନ ଉପାୟ |
|---|---|
| | ମିଶାଇ ଜମିରେ ପ୍ରୟୋଗ କଲେ ଫସଫରସ୍ ଖାଦ୍ୟସାରର ଉପଲବ୍ଧତା ବଢିଥାଏ । |
| ମାଟିରେ ଅଣୁଜୀବମାନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଛି | ସାଧାରଣତଃ ଜମିରେ ଜୈବିକ ସାରର ମାତ୍ରା କମ ପ୍ରୟୋଗ ଯୋଗୁଁ ଉପକାରୀ ଅଣୁଜୀବମାନଙ୍କର ସଂଖ୍ୟା ହ୍ରାସପାଇଥାଏ ।<br>✓ ମାଟିର ଜୈବିକ ଗୁଣ ବୃଦ୍ଧି ପାଇଁ ନିୟମିତ ଭାବରେ ଜମିରେ ଜିଆ ଖତ, ଜୈବ-ସ୍ଲରି ଏବଂ ଜୈବକ ସାର ପ୍ରୟୋଗ କରାଯିବା ଉଚିତ ।<br>✓ ଜୀବାଣୁ ବିବିଧତା ବଜାୟ ରଖିବା ପାଇଁ ଜମିରେ ଘୋଡଣି ଫସଲ ଏବଂ ଛାଦିକରଣ (mulching) ପ୍ରତି ଅଧିକ ଗୁରୁତ୍ୱ ଦେବା ଜରୁରୀ<br>✓ ଜମିରେ ଜୀବାଣୁ ସାର ଯଥା : ଆଜୋସ୍ପିରିଲମ, ଆଜୋଟୋବ୍ୟାକ୍ଟର ଓ ପି. ଏସ. ବି. ପ୍ରତ୍ୟେକରୁ ହେକ୍ଟର ପ୍ରତି ୪ କିଲୋ ହିସାବରେ ଖତ ସହିତ ମିଶାଇ ଶତକଡା ୩୦ ଭାଗ ଆଦ୍ରତାରେ ୭ ଛାଇ ସ୍ଥାନରେ ରଖିବା ପରେ ଜମିରେ ଆଦ୍ରତା ଥିବା ଅବସ୍ଥାରେ ପ୍ରୟୋଗ କଲେ ମାଟିର ସ୍ୱାସ୍ଥ୍ୟ ଠିକ ରହିବା ସହ ଫସଲର ଅମଳ ମଧ୍ୟ ବଢିଥାଏ । |
| ଜୈବିକ/ ପ୍ରାକୃତିକ କୃଷି ପାଇଁ ଆବଶ୍ୟକ ଜୈବିକ ସାର ଓ ତରଳ ଜୈବ ସାର ପ୍ରସ୍ତୁତି କରିବାରେ ଜ୍ଞାନ ଓ ଦକ୍ଷତାର ଅଭାବ। | ✓ ଗୁଣାତ୍ମକମାନର ଜିଆ ଖତ ଉତ୍ପାଦନ, ଭର୍ମି ବେଡ଼ର ରକ୍ଷଣାବେକ୍ଷଣ ଏବଂ ଭର୍ମି ୟୁନିଟରେ କୀଟ ନିୟନ୍ତ୍ରଣ ବିଷୟରେ ବ୍ୟବହାରିକ ତାଲିମରେ ଯୋଗଦିଅନ୍ତୁ । କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ ତରଫରୁ ନିୟମିତ ବ୍ୟବଧାନରେ |

| ସମସ୍ୟା | ସମାଧାନ ଉପାୟ |
|---|---|
| | ଚାଷୀମାନଙ୍କୁ ଜିଆ ଖତ ଓ ଜୈବିକ ଖତ ପ୍ରସ୍ତୁତି ଉପରେ ତାଲିମ ପ୍ରଦାନ କରାଯାଉଅଛି ।<br>✓ ପ୍ରାକୃତିକ ଚାଷର ପ୍ରଚାର ପ୍ରସାର ପାଇଁ ସରକାରଙ୍କ ତରଫରୁ ପ୍ରତ୍ୟକ ବ୍ଲକରେ ମଡେଲ ଜୈବିକ/ପ୍ରାକୃତିକ କୃଷି ପ୍ରଦର୍ଶନ କ୍ଷେତ୍ର କରାଯିବା ଆବଶ୍ୟକ ।<br>✓ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜୈବିକ/ପ୍ରାକୃତିକ ସମ୍ବନ୍ଧିତ ବିଭିନ୍ନ ପ୍ରଦର୍ଶନ ୟୁନିଟ କରାଯାଇଅଛି । |
| ଅନେକ ଚାଷୀ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଉଦ୍ଦେଶ୍ୟ, ଲାଭ ଏବଂ ଉପଯୋଗିତା ବିଷୟରେ ଅବଗତ ନାହାଁନ୍ତି। | ✓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଉଦ୍ଦେଶ୍ୟ, ଲାଭ ଏବଂ ଉପଯୋଗିତା ବିଷୟରେ ଚାଷୀମାନଙ୍କୁ ଅବଗତ କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରିବା ଆବଶ୍ୟକ<br>✓ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଜିଲ୍ଲାର ବିଭିନ୍ନ ବ୍ଲକରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଅନୁଯାୟୀ ଖତ ଓ ସାର ପ୍ରୟୋଗର ବିଭିନ୍ନ ଫସଲରେ କ୍ଷେତ୍ର ପ୍ରଦର୍ଶନ କରାଯାଇ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଅନୁଯାୟୀ ଖତ ଓ ସାର ପ୍ରୟୋଗ କରିବା ଦ୍ୱାରା ଫସଲ ଅମଳ ବୃଦ୍ଧି ବିଷୟରେ ଅବଗତ କରାଯାଉଅଛି।<br>✓ ଗ୍ରାମାଞ୍ଚଳରେ ସ୍ଥାନୀୟ ଗଣମାଧ୍ୟମ, ହ୍ୱାଟସଆପ୍ ଗ୍ରୁପ୍ ଏବଂ କାନ୍ଥ ଚିତ୍ର ଜରିଆରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବ୍ୟବହାରର ବିଷୟରେ ଚାଷୀମାନଙ୍କୁ ସଚେତନତା କରାଯିବା ଉଚିତ |

| ସମସ୍ୟା | ସମାଧାନ ଉପାୟ |
|---|---|
| | ✓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନରେ କୃଷି ବିଜ୍ଞାନ କେନ୍ଦ୍ର, ଚାଷୀ ଉତ୍ପାଦକ ଗୋଷ୍ଠୀ , କୃଷି ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ କ୍ଲବଗୁଡ଼ିକୁ ସାମିଲ କଲେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଲୋକପ୍ରିୟତା ବୃଦ୍ଧିପାଇବ<br>✓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ପାଇଁ ଚାଷୀ, ସମ୍ପ୍ରସାରଣ କର୍ମଚାରୀ ଏବଂ ଇନପୁଟ୍ ଡିଲରମାନଙ୍କ ପାଇଁ ନୋଡାଲ୍ ତାଲିମ କେନ୍ଦ୍ର ଭାବରେ କୃଷି ବିଜ୍ଞାନ କେନ୍ଦ୍ର (KVK ) କୁ ବ୍ୟବହାର କରନ୍ତୁ । |

କନ୍ଧମାଳ ଜିଲ୍ଲାରେ କୃଷିକାର୍ଯ୍ୟ ପାଇଁ ମାଟି ସମ୍ବନ୍ଧୀୟ ପ୍ରତିବନ୍ଧକ ଏକ ପ୍ରମୁଖ ଆହ୍ୱାନ । ଚୂନ ପ୍ରୟୋଗ, ଜୈବ ପଦାର୍ଥ ପୁନଃଚକ୍ରଣ, ଜୈବ ସାର ଏବଂ ପ୍ରାକୃତିକ କୃଷି ଇନପୁଟ୍ ଉପରେ ଚାଷୀ ତାଲିମକୁ ଏକୀକୃତ କରିବା ଦ୍ୱାରା ମାଟିର ଉର୍ବରତା ପୁନରୁଦ୍ଧାର ହୋଇପାରିବ , ଉତ୍ପାଦକତା ବୃଦ୍ଧି ହେବା ସହ ଅମଳର ସ୍ଥାୟୀତ୍ୱ ସୁନିଶ୍ଚିତ ହେବ। କୃଷି ବିଜ୍ଞାନ କେନ୍ଦ୍ର , କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ଓ ଚାଷୀମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଦ୍ୱାରା ଜିଲ୍ଲାରେ ମାଟି ସ୍ୱାସ୍ଥ୍ୟ ପରିଚାଳନା ପଦ୍ଧତି ଗ୍ରହଣ ତ୍ୱରାନ୍ୱିତ ହେବ ଏବଂ କୃଷି ଆୟରେ ଉନ୍ନତି ଆସିବ।

## କୃଷି ସମସ୍ୟାର ସମାଧାନରେ ଚାଷୀମାନଙ୍କର ଭୂମିକା

### ଉନ୍ନତ କୃଷି ଜ୍ଞାନ କୌଶଳକୁ ଆପଣାଇବା

- ✓ ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ଫସଲ କିସମ (ଯଥା ସ୍ୱଳ୍ପ ଅବଧି, ମରୁଡି ସହନଶୀଳ ) ବ୍ୟବହାର କରନ୍ତୁ
- ✓ ମାଟି ପରୀକ୍ଷା ଅନୁଯାୟୀ ଖତ ଓ ସାର ପ୍ରୟୋଗ କରନ୍ତୁ
- ✓ ସମନ୍ୱିତ ଖାଦ୍ୟସାର, ରୋଗପୋକ ଏବଂ ଘାସ ପରିଚାଳନା ପଦ୍ଧତିଗୁଡିକୁ ଅବଲମ୍ବନ କରନ୍ତୁ ।

- ✓ ଜମିରେ ପ୍ରଚୁର ପରିମାଣର ଜୈବିକ ସାର ଯଥା କମ୍ପୋଷ୍ଟ, ଜିଆ ଖତ , ନିମ୍ବ ପିଡିଆ, ସବୁଜ ସାର, ଜୀବାଣୁସାର ଆଦି ପ୍ରୟୋଗ କଲେ ମୃତ୍ତିକାର ଉର୍ବରତା ବଢ଼ିପାରିବ ।
- ✓ ଆୟ ବୃଦ୍ଧି ପାଇଁ ଗୋପାଳନ, ଛେଳିପାଳନ , କୁକୁଡ଼ା ପାଳନ, ଛତୁ ଚାଷ, ଜିଆ ଖତ ଉତ୍ପାଦନ ଏବଂ କୃଷି ଉତ୍ପାଦର ମୂଲ୍ୟ ବୃଦ୍ଧି ଉଦ୍ୟୋଗରେ ନିୟୋଜିତ ହୁଅନ୍ତୁ ।

**ସାମୁହିକ / ଗୋଷ୍ଠୀ ଭିତ୍ତିକ କୃଷି କାର୍ଯ୍ୟ କରନ୍ତୁ**

- ✓ ସାମୁହିକ / ଗୋଷ୍ଠୀ ଭିତ୍ତିକ କୃଷି କାର୍ଯ୍ୟ କରନ୍ତୁ ଏବଂ କୃଷି ସହିତ ଜଡିତ ଅନୁଷ୍ଠାନ ଗୁଡିକ ସହିତ ନିୟମିତ ଭାବରେ ସମ୍ପର୍କ ରଖନ୍ତୁ
- ✓ କୃଷି ପାଇଁ ଆବଶ୍ୟକ ଉପାଦାନ କ୍ରୟ ତଥା କୃଷି ଉତ୍ପାଦିତ ପଦାର୍ଥର ବିକ୍ରି ପାଇଁ କୃଷକ ଉତ୍ପାଦକ ସଂଗଠନ /ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ସାମିଲ ହୁଅନ୍ତୁ ।

**ଉତ୍ପାଦିତ ଦ୍ରବ୍ୟର ବିକ୍ରି ଓ ମୂଲ୍ୟ ଯୁକ୍ତ ପଦାର୍ଥ ପ୍ରସ୍ତୁତି**

- ✓ କୃଷି ଉତ୍ପାଦର ମୂଲ୍ୟ ବୃଦ୍ଧି ପାଇଁ ବିକ୍ରୟ ପୂର୍ବରୁ ଗ୍ରେଡିଙ୍ଗ, ସରଟିଙ୍ଗ ଏବଂ ପ୍ୟାକେଜିଙ୍ଗ କରନ୍ତୁ ।
- ✓ ସ୍ୱୟଂ ସହାୟକ ଗୋଷ୍ଠୀ / ଚାଷୀ ଉତ୍ପାଦକ ଗୋଷ୍ଠୀ ମାଧ୍ୟମରେ ମୂଲ୍ୟଯୁକ୍ତ ପଦାର୍ଥ ଯଥା ହଳଦୀ ଗୁଣ୍ଡ, ମାଣ୍ଡିଆ (ମାଣ୍ଡିଆ ପାଉଡର, ବିସ୍କୁଟ, ମୁରୁକୁ, ପିଠା ) ପଣସ (ଚିପ୍ସ, ଅଟା), ଟମାଟୋ (ସସ, ସୁପ ପାଉଡର ), ଛତୁ (ଆଚାର, ଚିପ୍ସ, ସୁପ ପାଉଡର) ପ୍ରସ୍ତୁତ କରନ୍ତୁ ।

**ଜ୍ଞାନ ଏବଂ ଦକ୍ଷତା ବିକାଶ**

- ✓ ଅନ୍ୟ କୃଷକମାନଙ୍କ ସହ କୃଷି ଭିତିକ ଜ୍ଞାନ, ଅଭିଜ୍ଞତା ଏବଂ ସମ୍ବଳ ବିଷୟରେ ଆଲୋଚନା କରନ୍ତୁ ।
- ✓ ଚାଷୀମାନେ ନିୟମିତ ଭାବରେ କୃଷି ବିଜ୍ଞାନ କେନ୍ଦ୍ର, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ପ୍ରାଣୀ ଚିକିତ୍ସାଳୟ ବିଭାଗ ଦ୍ୱାରା କରାଯାଉଥିବା ତାଲିମ ଓ କ୍ଷେତ୍ର ପ୍ରଦର୍ଶନରେ ଭାଗ ନେଇ ନିଜର ଜ୍ଞାନ ଓ ଦକ୍ଷତା ବିକାଶ କରନ୍ତୁ ।
- ✓ ସ୍ଥାନୀୟ କୃଷି ଭିତିକ ଜ୍ଞାନ କୌଶଳକୁ ବୈଜ୍ଞାନିକମାନଙ୍କ ସହ ଆଲୋଚନା କରି ସେହି ଜ୍ଞାନକୁ ଏକ ନିର୍ଦ୍ଦିଷ୍ଟ ପ୍ରାମାଣିକ ଜ୍ଞାନ କୌଶଳରେ ପରିଣତ କରନ୍ତୁ ।
- ✓ କୃଷି କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇଁ ଆଇ . ସି . ଟି (ICT) ବ୍ୟବହାର କରନ୍ତୁ ।
- ✓

**ପଶୁପାଳନ ତଥା ସହଯୋଗୀ କ୍ଷେତ୍ର**

- ✓ କାର୍ଯ୍ୟସୂଚୀ ଅନୁଯାୟୀ ଗୃହପାଳିତ ପଶୁ ପକ୍ଷୀମାନଙ୍କର ଟୀକାକରଣ ବ୍ୟବସ୍ଥା କରାନ୍ତୁ ।
- ✓ ସାମୁହିକ ଭାବରେ ଉନ୍ନତ ପ୍ରଣାଳୀରେ ଛେଳି, କୁକୁଡ଼ା, ଘୁଷୁରୀ, ମାଛ ଚାଷ କରନ୍ତୁ।
- ✓ ପଶୁମାନଙ୍କ ପାଇଁ ଘାସ ଚାଷ କରନ୍ତୁ ଓ ଫସଲର ଅବଶିଷ୍ଟାଂଶକୁ ମଧ୍ୟ ପଶୁମାନଙ୍କୁ ଖାଦ୍ୟରୂପେ ଦିଅନ୍ତୁ ।

**ଆଇ.ସି.ଟି (ICT) ବ୍ୟବହାର**

- ✓ ମୋବାଇଲ ଆପ୍ସ, ହ୍ୱାଟ୍ସପ୍ପ, କୃଷି ସହାୟତା **helpline**, କିସାନ କଲ ସେଣ୍ଟର ପରି ଆଇ.ସି. ଟି (**ICT**)କୁ କୃଷି କ୍ଷେତ୍ରରେ ବ୍ୟବହାର କରନ୍ତୁ
- ✓ ଚାଷ ସମ୍ବନ୍ଧିତ ଖର୍ଚ୍ଚ ଯଥା ମଞ୍ଜି, ସାର, ଖତ, ରୋଗପୋକ ଦମନ ପାଇଁ ଔଷଧ ଆଦି ଓ ଆୟର ମଧ୍ୟ ନିୟମିତ ହିସାବ ରଖନ୍ତୁ
- ✓ ଫସଲ ବୀମା ଓ ପଶୁପାଳନ ବୀମା ସଠିକ ସମୟରେ କରାଇନିଅନ୍ତୁ ।
- ✓ ଫସଲ ବିବିଧକରଣ, ଅନ୍ତଃଚାଷ, ଆଗ୍ରାଫୋରେଷ୍ଟ୍ରି ପରି ଜଳବାୟୁ ସ୍ମାର୍ଟ ଚାଷ ପଦ୍ଧତିକୁ ଆପଣାନ୍ତୁ

**ସମ୍ପ୍ରଦାୟ ଏବଂ ସାମାଜିକ ଦାୟିତ୍ୱ**

- ✓ ଫସଲକୁ ବନ୍ୟପ୍ରାଣୀଠାରୁ ସୁରକ୍ଷା ଦେବାପାଇଁ ସୌର ବାଡ଼ (**Solar Fencing**), ସମ୍ପ୍ରଦାୟ ଜରିଆରେ ଫସଲ ଜଗିବା ଆଦି ପଦକ୍ଷେପ ନିଅନ୍ତୁ ।
- ✓ କନ୍ଧମାଳର ଜୈବ ବିବିଧତାକୁ ବଜାୟ ରଖିବା ପାଇଁ ଜୈବିକ ତଥା ସ୍ୱଳ୍ପ ରାସାୟନିକ କୃଷିକୁ ଆପଣାନ୍ତୁ ।

**କୃଷି ଜନିତ ସମସ୍ୟାକୁ ସମାଧାନ କରିବା ପାଇଁ କୃଷି ବୈଜ୍ଞାନିକ ତଥା କୃଷି ଅଧିକାରୀଙ୍କ ଭୂମିକା ଏବଂ ଦାୟିତ୍ୱ**

ଜଳବାୟୁ ପରିବର୍ତନ, ମୃତ୍ତିକାର ଅବକ୍ଷୟ, ରୋଗପୋକର ପ୍ରାଦୁର୍ଭାବ, ବଜାର ଅସ୍ଥିରତା, ଚାଷରୁ କମ ଆଦାୟ ପରି ଏକାଧିକ ସମସ୍ୟା କୃଷି କାର୍ଯ୍ୟରେ ଚାଷୀମାନଙ୍କୁ ସମ୍ମୁଖୀନ ହେବାକୁ ପଡୁଛି । ଉକ୍ତ ସମସ୍ୟାର ସମାଧାନ କରିବାରେ କୃଷି ବୈଜ୍ଞାନିକ ଏବଂ ଅଧିକାରୀମାନେ ଏକ

ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ସେମାଙ୍କର ପ୍ରମୁଖ ଭୂମିକା ଏବଂ ଦାୟିତ୍ୱ ଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା।

**କୃଷି କ୍ଷେତ୍ରରେ ସମସ୍ୟା ଚିହ୍ନଟ**

- ସର୍ବପ୍ରଥମେ ଜିଲ୍ଲାର କୃଷିଜନିତ ସମସ୍ୟାଗୁଡିକୁ ଚିହ୍ନଟ କରିବା ଦରକାର । ସେ ସବୁ ସମସ୍ୟା ମଧ୍ୟରୁ ଅତି ଜରୁରୀ ସମସ୍ୟାକୁ ବାଛି ତାର ସମାଧାନର ସୂତ୍ର ବାହାର କରିବା ଆବଶ୍ୟକ ।
- ସମସ୍ୟାର ସମାଧାନ ପାଇଁ ଚାଷୀମାନଙ୍କ କ୍ଷେତରେ କ୍ଷେତ୍ର ପରୀକ୍ଷଣ କରିବା, ତାଲିମ ପ୍ରଦାନ କରିବା ଓ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ମାଧମରେ ସମାଧାନର ସୂତ୍ର ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବା ଜରୁରୀ ଅଟେ ।

**ଅନୁସନ୍ଧାନ ଏବଂ ଅଭିନବତା (Research and Innovation)**

- ଅଧିକ ଅମଳକ୍ଷମ, ଜଳବାୟୁ ପରିବର୍ତ୍ତନ ଅନୁଯାୟୀ , ରୋଗ ଓ ପୋକ ସହନଶୀଳ ଫସଲ କିସମର ବିକାଶ ହେଲେ ଅଧିକ ଲାଭ ମିଳିଥାଏ
- ସ୍ୱଳ୍ପ ଖର୍ଚ୍ଚ ଏବଂ ପରିବେଶ ଅନୁକୂଳ ଚାଷ ପ୍ରଣାଳୀ (ଜୈବିକ ଚାଷ ଓ ପ୍ରାକୃତିକ ଚାଷ ) ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ଓ ଏହାର ପ୍ରଚାର ଓ ପ୍ରସାର ଜରିଆରେ ଚାଷୀମାନଙ୍କୁ ସଚେତନତା କରିବା ଆବଶ୍ୟକ ।

**ବୈଷୟିକ ଜ୍ଞାନ କୌଶଳ ପ୍ରସାର**

- ଚାଷ ଭିତିକ ଜ୍ଞାନ କୌଶଳକୁ ପରୀକ୍ଷାଗାରରୁ ଚାଷୀର ଜମିକୁ କ୍ଷେତ୍ର ପ୍ରଦର୍ଶନ, କ୍ଷେତ୍ର ପରୀକ୍ଷଣ ଓ ତାଲିମ ଜରିଆରେ କୃଷି ବିଜ୍ଞାନ କେନ୍ଦ୍ର ଅନବରତ କାର୍ଯ୍ୟରତ ଥାଏ ।
- କୃଷି ଭିତିକ ଜ୍ଞାନ କୌଶଳକୁ ବ୍ୟାପକ ପ୍ରସାରଣ ପାଇଁ କୃଷି ସଂପ୍ରସାରଣ ସଂସ୍ଥା ଏବଂ ଏନଜିଓ ସହିତ ଯୋଗାଯୋଗ କରିବା ଉଚିତ ।
- ବୈଷିୟକ ଜ୍ଞାନ କୌଶଳର ସହଜ ଗ୍ରହଣ ପାଇଁ କୃଷି ପୁସ୍ତିକା , ମୋବାଇଲ ଆପ୍ସ ଆଦି ପ୍ରକାଶ କରିବା ଆବଶ୍ୟକ ।

**କୃଷକ ମାନଙ୍କ ଦକ୍ଷତା ବୃଦ୍ଧି**

- କୃଷକ ତଥା କୃଷି ଜୀବି ମହିଳା ମାନଙ୍କୁ ନିୟମିତ ତାଲିମ ଦେବା ସହିତ କୃଷି ଜ୍ଞାନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରକୁ ପରିଭ୍ରମଣ କାର୍ଯ୍ୟକ୍ରମ ଓ କୃଷି ଭିତିକ କର୍ମଶାଳାରେ ଯୋଗଦେଇ ତାଙ୍କର ଜ୍ଞାନ ବୃଦ୍ଧି ପାଇଁ ସୁଯୋଗ ଦେବା ଉଚିତ
- କୃଷି କ୍ଷେତ୍ରରେ ଆଇ.ସି.ଟି ବ୍ୟବହାର , ଡ୍ରୋନ୍ ବ୍ୟବହାର, ଜୀବାଣୁ ସାର ତଥା କୃଷି ଯନ୍ତ୍ରପାତିର ବ୍ୟବହାର ପରି ଆଧୁନିକ ପ୍ରଯୁକ୍ତି ବିଦ୍ୟା ଭିତିକ ଶିକ୍ଷା କୃଷକ ମାନଙ୍କୁ ସମୟ ଅନୁଯାଇ ଦେବା ଉଚିତ।
- କୃଷି ଉତ୍ପାଦର ବିକ୍ରିରେ ମଧ୍ୟସ୍ଥିମାନଙ୍କ ଠାରୁ ଦୁରେଇ ରହି ନିଜେ ଆତ୍ମନିର୍ଭର ଶିଳତାକୁ ସୁଦୃଢ କରିବା ପାଇଁ କୃଷକ ମାନଙ୍କୁ ପରାମର୍ଶ ଦେବା ଉଚିତ
- ଆବଶ୍ୟକ ଓ ସମୟ ଅନୁଯାୟୀ କୃଷି ଭିତ୍ତିକ ସମସ୍ୟା ନିରାକରଣ ଓ ସମାଧାନର ସୂତ୍ର ଚାଷୀମାନଙ୍କୁ ଜଣାଇବା ଉଚିତ
- କୃଷକମାନଙ୍କୁ ଫସଲରେ ଖାଦ୍ୟସାର ଅଭାବ ଜନିତ ଲକ୍ଷଣ ଚିହ୍ନଟ କରାଇବା , ରୋଗ ପୋକର ଲକ୍ଷଣ ବିଷୟରେ ଜାଣିବା ପରି ଦକ୍ଷତା ବଢାଇବା ଉଚିତ
- ରୋଗ ଓ ପୋକର ମହାମାରୀ ରୋକିବା ପାଇଁ ଚାଷୀମାନକୁ ପ୍ରାରମ୍ଭିକ ଅବସ୍ଥାରେ ଚେତାବନୀ ଦେବା ନିହାତି ଜରୁରୀ ହୋଇଥାଏ ।

**ବଜାର ଏବଂ ମୂଲ୍ୟ ଶୃଙ୍ଖଳା ସହାୟତା**

- କୃଷକମାନଙ୍କୁ ଫସଲ ଅମଳ ପରବର୍ତ୍ତି ଯତ୍ନ , ପ୍ରକ୍ରିୟାକରରଣ ଏବଂ କୃଷି ଦ୍ରବ୍ୟର ମୂଲ୍ୟ ଯୁକ୍ତ ପଦାର୍ଥ ପ୍ରସ୍ତୁତି ପାଇଁ ମାର୍ଗଦର୍ଶନ କରାଇବା ଉଚିତ
- ଉପଯୁକ୍ତ ବଜାର ସହିତ ଚାଷୀକୁ ସଂଯୋଗୀକରଣ, କୃଷି ପଦାର୍ଥର ବ୍ରାଣ୍ଡିଙ୍ଗ ପାଇଁ ପରାମର୍ଶ ଏବଂ ଡିଜିଟାଲ ବଜାରର ଜ୍ଞାନ ପାଇଁ ମାର୍ଗଦର୍ଶନ କରାଇବା ଉଚିତ
- କୃଷକମାନେ ସହଯୋଗୀ ସଂସ୍ଥା (Co -operative Society) ଓ କୃଷକ ଉତ୍ପାଦକ ସଂଗଠନ ସହିତ ମିଶିବା ପାଇଁ ପରାମର୍ଶ ଦେବା ଜରୁରୀ ଅଟେ

କନ୍ଧମାଳରେ କୃଷି ସମସ୍ୟାର ସମାଧାନ ପାଇଁ ଉନ୍ନତ ଏବଂ ସ୍ଥାୟୀ ପ୍ରଣାଳୀ ଗ୍ରହଣ କରିବାରେ କୃଷକମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ଦକ୍ଷତା ବିକାଶ, ବୈଷୟିକ ମାର୍ଗଦର୍ଶନ ଏବଂ ସମ୍ବଳ ସୁବିଧାରେ କୃଷି ବୈଜ୍ଞାନିକ ଓ କୃଷି କର୍ମଚାରୀଙ୍କ ସକ୍ରିୟ ସମର୍ଥନ ଆବଶ୍ୟକ ।

ସାଂଗଠନିକ ସମନ୍ୱୟ ଦ୍ୱାରା କୃଷକ-ସମ୍ପ୍ରସାରଣ ସଂସ୍ଥା ଦୃଢ଼ ସହଭାଗୀତା, ଜିଲ୍ଲାରେ କୃଷିର ଉତ୍ପାଦକତା ବୃଦ୍ଧି , ଲାଭ ଏବଂ ଅମଳ ସ୍ଥିରତା ସୁନିଶ୍ଚିତ ହୋଇପାରିବ ।

**ଚାଷୀମାନଙ୍କ ଆୟ ବୃଦ୍ଧି ଏବଂ ସାମାଜିକ-ଆର୍ଥିକ ଉନ୍ନତିରେ କୃଷି ବିଜ୍ଞାନ କେନ୍ଦ୍ର (KVK) କନ୍ଧମାଳର ଭୂମିକା**

- କୃଷି ଉତ୍ପାଦନ ବୃଦ୍ଧି ଏବଂ ଚାଷରୁ ଅଧିକ ଲାଭ ପାଇବାପାଇଁ ଜିଲ୍ଲାର ପ୍ରମୁଖ ଫସଲର ଉପଯୁକ୍ତ ସ୍ଥାନ-ନିର୍ଦ୍ଦିଷ୍ଟ, ଅଧିକ ଅମଳକ୍ଷମ ତଥା ଶଙ୍କର କିସମ ବ୍ୟବହାର କରିବାକୁ କୃଷି ବିଜ୍ଞାନ କେନ୍ଦ୍ର ଚାଷୀମାନଙ୍କୁ ନିୟମିତ ପରାମର୍ଶ ଦେଇଥାଏ
- କୃଷି ବିଜ୍ଞାନ କେନ୍ଦ୍ର ଚାଷୀମାନଙ୍କୁ ପାହାଡିଆ ତଥା ବର୍ଷା ଉପରେ ନିର୍ଭରଶୀଳ କୃଷି ପାଇଁ ଉପଯୁକ୍ତ ଜଳବାୟୁ-ପ୍ରତିରୋଧୀ ଏବଂ କମ ଖର୍ଚ୍ଚର ଉନ୍ନତମାନର ଜ୍ଞାନ କୌଶଳ ଯୋଗାଇଥାଏ ।
- କୃଷି ବିଜ୍ଞାନ କେନ୍ଦ୍ରରେ ଚାଷୀମାନଙ୍କୁ ମାଟି ପରୀକ୍ଷା ଓ ଏହାର ଉପକାରିତା ବିଷୟରେ ନିୟମିତ ଭାବେ ତାଲିମ ଦେବା ସହିତ ଚାଷୀମାନଙ୍କର ଜମିର ମାଟି ପରୀକ୍ଷା କରି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଗାଇଥାଏ । ମୃତ୍ତିକାର ଉର୍ବରତା ଓ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ସମନ୍ୱିତ ଖାଦ୍ୟ ସାର ପରିଚାଳନାକୁ ଆପଣାଇବା ପାଇଁ ପରାମର୍ଶ ଦେଇଥାଏ ।
- ସମଗ୍ର ଜିଲ୍ଲାରେ ହଳଦୀ, ଆଳୁ, ସୋରିଷ , ଅଦା , ଲଙ୍କା, ମାଣ୍ଡିଆ ଇତ୍ୟାଦି ଫସଲରେ ଜୈବିକ ଏବଂ ପ୍ରାକୃତିକ କୃଷି ପଦ୍ଧତିରେ ଚାଷ କରିବା ପାଇଁ ଚାଷୀମାନଙ୍କୁ ତାଲିମ ଦେବା ସହ କ୍ଷେତ୍ର ପ୍ରଦର୍ଶନ କରାଯାଇଥାଏ ।
- ଚାଷୀମାନଙ୍କର ଆୟ ବୃଦ୍ଧି ପାଇଁ ସମନ୍ୱିତ କୃଷି ପ୍ରଣାଳୀ (ଫସଲ, ପଶୁପାଳନ, ଉଦ୍ୟାନ କୃଷି, ମସ୍ୟଚାଷ ଏବଂ କୃଷି ବନୀକରଣ) ଗ୍ରହଣ କରିବାପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ କାର୍ଯ୍ୟକର୍ମ ମାଧ୍ୟମରେ ସଚେତନତା କରାଯାଏ । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାଷୀମାନେ ବିଭିନ୍ନ ଫଳ, ପନିପରିବା, ମାଣ୍ଡିଆ, ଅଦିନିଆ ପନିପରିବା ଚାଷ କରିବାପାଇଁ ନିୟମିତ ଭାବରେ ପରାମର୍ଶ ଯୋଗାଇ ଦିଆଯାଇଥାଏ
- ଜୀବିକା ଏବଂ ପୁଷ୍ଟି ସୁରକ୍ଷା ପାଇଁ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (SHG)ମାନଙ୍କୁ ଛତୁ ଚାଷ, କୁକୁଡ଼ା ପାଳନ, ଛେଳି ପାଳନ, ଜିଆ ଖତ, ଫଳ ,

ପନିପରିବା ତଥା କୃଷି ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଏବଂ ବାଡ଼ି ଅଗଣାରେ ପୁଷ୍ଟିକର ଉଦ୍ୟାନ କରିବା ଉପରେ କେନ୍ଦ୍ରରେ ତାଲିମ ପ୍ରଦାନ କରାଯାଏ ।

- ଗ୍ରାମୀଣ ଯୁବକମାନଙ୍କର ଦକ୍ଷତା ବିକାଶ ପାଇଁ କେନ୍ଦ୍ର ତରଫରୁ ଧନ୍ଦାମୂଳକ ତାଲିମ ଯଥା ବିହନ ଉତ୍ପାଦନ, ମହୁମାଛି ପାଳନ, ମସଲା ପ୍ରକ୍ରିୟାକରଣ ଏବଂ ମୂଲ୍ୟ ବୃଦ୍ଧି, ଜିଆ ଖତ ପ୍ରସ୍ତୁତି ଏବଂ ନର୍ସରୀ ପରିଚାଳନା ଉପରେ ଦିଆଯାଏ ।
- କେନ୍ଦ୍ର ତରଫରୁ ଚାଷୀ ଉତ୍ପାଦକ ସଂଗଠନ (FPO) ଗଠନ ଏବଂ ସୁଦୃଢ଼ୀକରଣ, ସାମୂହିକ ଭାବରେ କୃଷି ଉତ୍ପାଦକୁ ବିକ୍ରି କରିବା , e-NAM ସହିତ ସଂଯୋଗ କରିବା ଏବଂ ସରକାରୀ କ୍ରୟ ବ୍ୟବସ୍ଥାରେ ଅଂଶଗ୍ରହଣ କରିବାପାଇଁ ପରାମର୍ଶ ଦିଆଯାଇଥାଏ ।
- ମୋବାଇଲ୍ ଆପ୍ସ, ହ୍ୱାଟ୍ସଆପ୍ ଗ୍ରୁପ୍, ରେଡିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ, କ୍ଷେତ୍ର ପ୍ରଦର୍ଶନ, କୃଷକ ମେଳା ଏବଂ ପ୍ରଦର୍ଶନୀ ଭଳି ଆଇସିଟି ପ୍ଲାଟଫର୍ମ ମାଧ୍ୟମରେ କୃଷି ତଥା ଆନୁସଙ୍ଗିକ କୃଷିର ଉନ୍ନତ ଜ୍ଞାନ କୌଶଳ କେନ୍ଦ୍ର ତରଫରୁ ପ୍ରଚାର ପ୍ରସାର କରାଯାଏ ।
- କୃଷି ବିଜ୍ଞାନ କେନ୍ଦ୍ର ଚାଷୀମାନଙ୍କୁ ସରକାରଙ୍କର ବହୁମୁଖୀ କୃଷି ଭିତ୍ତିକ ଯୋଜନାଗୁଡ଼ିକ ସହ ସଂଯୋଗୀକରଣ କରିଥାଏ ଫଳରେ ଚାଷୀମାନଙ୍କର ଆର୍ଥିକ ଅବସ୍ଥାରେ ସୁଧାର ଆସିଥାଏ ।
- କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୨୭ ଗୋଟି କୃଷି ପ୍ରଦର୍ଶନ ୟୁନିଟ୍ ସ୍ଥାପିତ କରାଯାଇଛି, ଯେଉଁଥିରେ ଜିଆ ଖତ ଓ ଜିଆ ପାଳନ , ମାଟି ଏବଂ ଜଳ ପରୀକ୍ଷଣ ପ୍ରୟୋଗଶାଳା, ଛତୁ ମଞ୍ଜି ଉତ୍ପାଦନ, ଛତୁ ଚାଷ, ଡ୍ରାଗନ୍ ଫଳ, ଔଷଧୀୟ ଏବଂ ପୁଷ୍ଟିକର ଉଦ୍ୟାନ, କୁକୁଡ଼ା ଏବଂ ବତକ ପାଳନ ୟୁନିଟ୍, ଷ୍ଟ୍ରବେରୀ ଚାଷ ଏବଂ କଫି ଓ ଗୋଲମରିଚ ଚାଷ ଅନ୍ତର୍ଭୁକ୍ତ, ଯାହା ଦ୍ୱାରା ଚାଷୀ ଏବଂ ସମ୍ପ୍ରସାରଣ କାର୍ଯ୍ୟକର୍ତ୍ତାଙ୍କ ଜ୍ଞାନକୁ ସମୃଦ୍ଧ କରାଯାଇପାରୁଛି ।

♦≈ ♦≈ ♦≈ ♦≈ ♦≈